# ଆଦିବାସୀ ମେଳାରେ ସଶକ୍ତିକରଣର ନିଆରା ଚିତ୍ର

ଓଡିଶାରେ ଅନୁସୂଚିତ ଜନଜାତି ବା ଆଦିବାସୀମାନେ ବହୁ ପୁରାତନ କାଳରୁ ରାଜ୍ୟର ଅଗମ୍ୟ ତଥା ଅନଗ୍ରସର ଅଂଚଳରେ ଘୋର ଅଭାବ ଅନାଟନ ଭିତରେ ଜୀବନ କଟାଇ ଆସିଛନ୍ତି । ବସ୍ତୁବାଦୀ ସହରୀ ସଭ୍ୟତାର ଆଲୋକ ସେମାନଙ୍କ ପାଖରେ ଆଜି ସୁଦ୍ଧା ପହଞ୍ଚିପାରିନାହିଁ । ବରଂ ପ୍ରକୃତି କୋଳରେ ସେମାନେ ବଢି ଆସିଛନ୍ତି ଅଶିକ୍ଷା, ଅଜ୍ଞାନତା ଓ ବୁଭୁକ୍ଷାର ଅମା ଅନ୍ଧକାର ଭିତରେ । ସେମାନଙ୍କ କଲ୍ୟାଣ ନିମନ୍ତେ ଗୋଟିଏ ପରେ ଗୋଟିଏ ନୂତନ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ଫଳରେ ସେମାନଙ୍କ ଜୀବନ ଧାରଣ ମାନରେ କ୍ରମଶଃ ଉନ୍ନତି ପରିଲକ୍ଷିତ ହେଉଛି । ଦୀର୍ଘଦିନ ଧରି ଶୋଷିତ ଓ ଅବହେଳିତ ହୋଇ ପଡି ରହିଥିବା ଆଦିବାସୀ ଭାଇଭଉଣୀମାନଙ୍କୁ ବଞ୍ଚାଇବାର ରାହା ଯୋଗାଇ ଦେବା ସହିତ ସେମାନଙ୍କୁ ସଶକ୍ତିକରଣ କରିବା ଉଦ୍ଦେଶ୍ୟରେ ରାଜ୍ୟରେ କାର୍ଯ୍ୟକାରୀ କରାଯାଉଛି ସ୍ୱତନ୍ତ୍ର ପ୍ରକଳ୍ପ, ଯାହାର ନାମ ରଖାଯାଇଛି "ଓଡିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ" । ରାଜ୍ୟର ୭ଟି ଜିଲ୍ଲା ଯଥା-କନ୍ଧମାଳ, କଳାହାଣ୍ଡି, ଗଜପତି, ରାୟଗଡା, କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାର କୋଡେଟି ବଛା ବଛା ବ୍ଲକରେ ଏହାର ସଫଳ ରୂପାୟନ କରାଯାଇଛି ।

ବଣ ପାହାଡ ଘେରା ଦୁର୍ଗମ ଅଂଚଳରେ କାମଧନ୍ଦା ନ ପାଇ ଅର୍ଦ୍ଧାହାର ଓ ଅନାହାର ଭିତରେ ଜୀବନ ବିତାଉଥିବା ଆଦିବାସୀମାନଙ୍କୁ ଆତ୍ମନିଯୁକ୍ତିର ସୁଯୋଗ ଯୋଗାଇଦେବା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି ଏହି କାର୍ଯ୍ୟକ୍ରମ ମାଧ୍ୟମରେ । କୃଷି ଓ ଆନୁଷଙ୍ଗିକ କାର୍ଯ୍ୟକ୍ରମ ହାତକୁ ନେବା ସହିତ ଆଦିବାସୀମାନଙ୍କର ଅର୍ଥନୈତିକ ଭିତ୍ତିଭୂମିକୁ ସୁଦୃଢ କରିବା ଏବଂ ସେମାନଙ୍କୁ ରୋଜଗାରକ୍ଷମ କରିବା ପାଇଁ ଏହି କାର୍ଯ୍ୟକ୍ରମ ମାଧମରେ ବିପୁଳ ଅର୍ଥ ବିନିଯୋଗର ବ୍ୟବସ୍ଥା କରାଯାଇଛି । ଏହାର ସୁଯୋଗ ନେଇ ସେମାନେ ବିଭିନ୍ନ କୃଷିଜାତ ସାମଗ୍ରୀ ଉତ୍ପାଦନ କରିବା ସଙ୍ଗେ ସଙ୍ଗେ ତାହାକୁ ବାହାରେ ବିକ୍ରି କରାଇ ବେଶ୍ ଦି ପଇସା ରୋଜଗାର କରିପାରୁଛନ୍ତି । ଆଦିବାସୀ ବର୍ଗକୁ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ସଶକ୍ତିକରଣ କରିବା ନିମନ୍ତେ ମୁଖ୍ୟତଃ ପ୍ରାକୃତିକ ସମ୍ପଦର ସୁବିନିଯୋଗ ଦ୍ୱାରା ଖାଦ୍ୟ ନିରାପତ୍ତା, ପତିତ ଜମିରେ ଫଳଚାଷ, ଗୁଣାତ୍ମକ ବିହନ ପ୍ରସ୍ତୁତ କରି ଚାଷୀଙ୍କୁ ଯୋଗାଇବା, ପ୍ରବାହିତ ଜଳକୁ ଅଟକାଇ ଜଳସେଚନର ବ୍ୟବସ୍ଥା କରିବା ଆଦି ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଏହି ସଶକ୍ତିକରଣ କାର୍ଯ୍ୟକ୍ରମର ସଫଳତାର ଚିତ୍ର ଏବେ ଦେଖିବାକୁ ମିଳୁଛି ଆଦିବାସୀ ମେଳା - ୨୦୧୬ରେ ।

"ଓଡିଶା ଆଦିବାସୀ ସଶକ୍ତିକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ" ପକ୍ଷରୁ ନିର୍ମାଣ କରାଯାଇଥିବା ଏକ ସୁଦୃଶ୍ୟ କକ୍ଷରେ ସମ୍ପୃକ୍ତ ଜିଲ୍ଲାଗୁଡିକର ଆଦିବାସୀ ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ ନିମନ୍ତେ ଅନେକଗୁଡିଏ ଷ୍ଟଲ୍ ଖୋଲାଯାଇଛି । ଷ୍ଟଲ୍ ଗୁଡିକରେ ନିଜର ଉତ୍ପାଦିତ ସାମଗ୍ରୀକୁ ଆଦିବାସୀ ମହିଳାମାନେ ନିଜେ ପ୍ରଦର୍ଶନ ଓ ବିକ୍ରି କରୁଥିବାର ନିଆରା ଦୃଶ୍ୟ, ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରୁଛି । ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡିକରେ ମିଳୁଥିବା ବିଭିନ୍ନ ସାମଗ୍ରୀ ଭେଜାଲ୍ ନୁହେଁ ବୋଲି ଲୋକଙ୍କ ଯେଉଁ ଧାରଣା ରହିଛି, ତାହା ହିଁ ଦର୍ଶକଙ୍କୁ ଆକର୍ଷିତ କରୁଛି ଏହି ସବୁ ଷ୍ଟଲ୍ ଗୁଡିକୁ ।